# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**09th October - 2023**

**News Editor : *Tapan Kumar Moharana***

**************************************

***Desk***

## ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଯୋଜନା

ରାଜ୍ୟ ସରକାର 'ଡ୍ରିଙ୍କ ଫ୍ରମ୍ ଟ୍ୟାପ୍' ଯୋଜନା ଅଧୀନରେ ଆଉ ୫ଟି ସହରକୁ ଆଜିଠାରୁ ୨୪ ଘଣ୍ଟିଆ ଜଳଯୋଗାଣ ସୁବିଧା ଯୋଗାଇ ଦେବେ । ସେଗୁଡ଼ିକ ହେଲା ରାଇରଙ୍ଗପୁର, ଚମ୍ପୁଆ, ବୀରମିତ୍ରପୁର, ରାଜଗାଙ୍ଗପୁର ଓ ନିମାପଡ଼ା । ଏଥିସହିତ ଅନ୍ୟ ୧୩ଟି ସହରର ୧୪୯ଟି ୱାର୍ଡ଼ରେ ମଧ୍ୟ ଏହି ସୁବିଧା ଯୋଗାଇ ଦିଆଯିବ । ସୂଚନା ଅନୁସାରେ, ଏହି ପର୍ଯ୍ୟାୟରେ ୧୨ ଲକ୍ଷ ୩୦ ହଜାର ଲୋକ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ପାଇପାରିବେ ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ କୁହାଯାଇଛି । ଆଜି ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଭୁବନେଶ୍ୱରରୁ ଏହାର ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି ।

*Desk*

## ଦଶମ ଓ ଦ୍ୱାଦଶ ବୋର୍ଡ଼ ପରୀକ୍ଷା

ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ଼ ପରୀକ୍ଷା ବର୍ଷକୁ ଦୁଇଥର ଦେବାପାଇଁ ଛାତ୍ରଛାତ୍ରୀମାନଙ୍କ ଲାଗି ବାଧ୍ୟତାମୂଳକ ନୁହେଁ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ପରୀକ୍ଷାପାଇଁ ବର୍ଷକୁ ଗୋଟିଏ ମାତ୍ର ସୁଯୋଗ ଥିବାରୁ ଛାତ୍ରଛାତ୍ରୀମାନଙ୍କ ଉପରେ ମାନସିକ ଚାପ ପଡୁଥିଲା । ମାନସିକ ଚାପକୁ ଏଡ଼ାଇବା ଲାଗି ଏହି ବିକଳ୍ପ ବ୍ୟବସ୍ଥା କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି । ବର୍ଷକୁ ଦୁଇଥର ବୋର୍ଡ଼ ପରୀକ୍ଷା ହେଲେ ଛାତ୍ରଛାତ୍ରୀମାନେ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବାପାଇଁ ପର୍ଯ୍ୟାପ୍ତ ପରିମାଣର ସୁଯୋଗ ପାଇବେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଦୁଇଟି ବୋର୍ଡ଼ ପରୀକ୍ଷା ମଧ୍ୟରୁ, ଯେଉଁ ପରୀକ୍ଷାରେ ଅଧିକ ନମ୍ବର ଆସିବ, ସେହି ନମ୍ବରକୁ ଗଣନା କରାଯିବ ।

*Desk*

## ବସ୍ ସେବା 'ଲକ୍ଷ୍ମୀ' ଯୋଜନା

ରାଜ୍ୟ ସରକାରଙ୍କର ବସ୍ ସେବା ଯୋଜନା 'ଲକ୍ଷ୍ମୀ'ର ଶୁଭାରମ୍ଭ ଆସନ୍ତା ଗୁରୁବାର ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାଲକାନଗିରି ଜିଲ୍ଲାର ବଣ୍ଡାଘାଟିରୁ ଆରମ୍ଭ କରିବେ । ରାଜ୍ୟରେ ଲୋକମାନଙ୍କର ଯାତାୟତ

ନିମନ୍ତେ ଏହି ଯୋଜନାରେ ଏକ ହଜାରରୁ ଅଧିକ ବସ୍ ଚାଲିବ । ଲକ୍ଷ୍ମୀ ଯୋଜନା ପାଇଁ ବଜେଟ୍‌ରେ ସରକାର ୩ ହଜାର ୧୭୮ କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି । ଲକ୍ଷ୍ମୀ ଯୋଜନାର ପ୍ରଥମ ପର୍ଯ୍ୟାୟରେ ୩୬ଟି ନୂଆ ବସ୍ ମାଲକାନଗିରିରେ ପହଞ୍ଚିଥିବା ଜଣାପଡ଼ିଛି ।

***Desk***

## ବାହାନଗା - ଗଣ ଶବସଂସ୍କାର

ବାଲେଶ୍ୱର ଜିଲ୍ଲା ବାହାନଗା ରେଳ ଦୁର୍ଘଟଣାରେ ବର୍ତ୍ତମାନ ସୁଦ୍ଧା ଚିହ୍ନଟ ହୋଇ ପାରି ନ ଥିବା ୨୮ଟି ମୃତଦେହର ଅନ୍ତିମ ସଂସ୍କାର ଆଜି ବୈଜ୍ଞାନିକ ପଦ୍ଧତିରେ ଭୁବନେଶ୍ୱରର ଦୁଇଟି ଶ୍ମଶାନରେ କରାଯିବ । ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଜାରି କରାଯାଇଥିବା ସୂଚନା ଅନୁସାରେ ଭୁବନେଶ୍ୱର ଏମ୍ସ୍‌ରେ ସଂରକ୍ଷିତ ରଖାଯାଇଥିବା ମୃତଦେହଗୁଡ଼ିକର ଅନ୍ତିମ ସଂସ୍କାର ଶେଷ ପର୍ଯ୍ୟନ୍ତ ଭିଡ଼ିଓଗ୍ରାଫି କରାଯିବ ।

ସୂଚନାଯୋଗ୍ୟ, ଡିଏନ୍‌ଏ ଟେଷ୍ଟ ପରେ ବି ଏହି ମୃତଦେହଗୁଡ଼ିକର ଚିହ୍ନଟ ହୋଇପାରି ନ ଥିବାବେଳେ ଏମାନଙ୍କର ଦାବିଦାର କେହି ନ ଥିବାରୁ ସରକାର ଏହି ପଦକ୍ଷେପ ନେଉଛନ୍ତି ।

*Desk*

# ସରକାରୀ ପଦ ଖାଲି

ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ଚଳିତ ବର୍ଷ ଶେଷସୁଦ୍ଧା ପାଖାପାଖି ୧ ଲକ୍ଷ ୩୦ ହଜାର ପଦ ଖାଲି ପଡ଼ିବ । ସେହି ପଦବୀଗୁଡ଼ିକରେ ନିଯୁକ୍ତି ଦେବା ଲାଗି ସରକାରୀ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଥିବା ଜଣାପଡ଼ିଛି । ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ରାଜସ୍ୱ, ଗୃହ ଏବଂ ପଞ୍ଚାୟତିରାଜ ବିଭାଗରେ ଅଧିକ ସଂଖ୍ୟାରେ ପଦ ଖାଲି ପଡ଼ିଛି । ସାଧାରଣ ପ୍ରଶାସନ ବିଭାଗ ସୂଚନା ଅନୁସାରେ ଚଳିତ ବର୍ଷ ଜୁଲାଇ ମାସ ସୁଦ୍ଧା ବିଭିନ୍ନ ବିଭାଗରେ ପ୍ରାୟ ୧ ଲକ୍ଷ ୧୯ ହଜାର ପଦ ଖାଲି ପଡ଼ିଥିଲା । ସେଥିମଧ୍ୟରୁ ୫୦ ହଜାରରୁ ଅଧିକ ପଦ ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ।

*Desk*

# ଦେଶିୟା ଭାଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଆଜିଠାରୁ କୁଇ ଏବଂ ଦେଶିୟା ଭାଷା ଉପରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ କହିଛନ୍ତି । ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଏବଂ ଜାତୀୟ ଶିକ୍ଷା ଗବେଷଣା ପରିଷଦ ସହଯୋଗରେ ଜାତୀୟ ଶିକ୍ଷାନୀତି ଅନୁସାରେ ଶିକ୍ଷକମାନଙ୍କୁ ସ୍ଥାନୀୟ ଭାଷାରେ ଶିକ୍ଷାଦାନ କରିବା ପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି ।

*Desk*

# ଆଇ.ଏ.ଏସ୍. ଅଦଳବଦଳ

ରାଜ୍ୟ ସରକାର ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ସ୍ତରରେ କେତେକ ଅଦଳ ବଦଳ କରିଛନ୍ତି । ସାଧାରଣ ପ୍ରଶାସନ ବିଭାଗର ବିଜ୍ଞପ୍ତି ଅନୁସାରେ ୧୯୯୫ ବ୍ୟାଚ୍‌ର ଆଇ.ଏ.ଏସ୍. ଅଧିକାରୀ ବିଷ୍ଣୁପଦ ସେଠୀଙ୍କୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ଅବସ୍ଥାପିତ କରାଯାଇଛି । ସେହିଭଳି ଯୋଜନା ଓ ସଂଯୋଜନା ବିଭାଗର ସ୍ୱତନ୍ତ୍ର ସଚିବ ଭାସ୍କର ଜ୍ୟୋତି ଶର୍ମାଙ୍କୁ ରାଜ୍ୟ ଜମିଜମା ରେକର୍ଡ଼ ଓ ଚକବନ୍ଦୀ କମିଶନର୍ ଭାବେ ନିଯୁକ୍ତି ମିଳିଛି ।

*Desk*

# ପ୍ରଧାନମନ୍ତ୍ରୀ - ଏସୀୟ କ୍ରୀଡ଼ା

ଏସୀୟ କ୍ରୀଡ଼ାରେ ଚଳିତ ଥର ୧୦୭ ପଦକ ସହ ଗତ ୬୦ ବର୍ଷ ମଧ୍ୟରେ ଭାରତର ସର୍ବଶ୍ରେଷ୍ଠ ପ୍ରଦର୍ଶନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଶଂସା କରିଛନ୍ତି । ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନ ମନ୍ତ୍ରୀ ଏସୀୟ କ୍ରୀଡ଼ାରେ ଭାରତ ଲାଗି ଏହାକୁ ଐତିହାସିକ ସଫଳତା ଭାବେ ଅଭିହିତ କରିଛନ୍ତି । ଖେଳାଳିମାନଙ୍କ ଅଦମ୍ୟ ନିଷ୍ଠା, ନିରନ୍ତର ପ୍ରୟାସ ଏବଂ ପରିଶ୍ରମ ଲାଗି ଦେଶ ଆଜି ଗର୍ବିତ ବୋଲି ସେ ମତବ୍ୟକ୍ତ କରିଛନ୍ତି । ସେମାନଙ୍କ ବିଜୟ ପ୍ରତ୍ୟେକ ଭାରତୀୟଙ୍କୁ ଅବିସ୍ମରଣୀୟ ମୁହୂର୍ତ୍ତ ଦେବା ସହ

ପ୍ରେରଣା ମଧ୍ୟ ଯୋଗାଇ ଦେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦ ଆସନ୍ତାକାଲି ନୂଆଦିଲ୍ଲୀରେ ଏସୀୟ କ୍ରୀଡ଼ାରେ କୃତିତ୍ୱ ହାସଲ କରିଥିବା ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିବେ ।

***I & PR***

## ଏକଲବ୍ୟ ଛାତ୍ରୀଛାତ୍ରୀ - କୃତିତ୍ୱ

ଜାତୀୟ ସ୍ତରୀୟ ସାଂସ୍କୃତିକ, ସାହିତ୍ୟ ତଥା କଳା ଉତ୍ସବରେ ଯୋଗଦେଇ ରାଜ୍ୟ ଏକଲବ୍ୟ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀ କୃତିତ୍ୱ ଅର୍ଜନ କରିଛନ୍ତି । ଉତ୍ତରାଖଣ୍ଡର ଡେରାଡୁନ୍‌ଠାରେ ଚଳିତ ମାସ ୩ରୁ ୬ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଏହି ଉତ୍ସବରେ ଦେଶର ୨୨ଟି ରାଜ୍ୟରୁ ୨ ହଜାରରୁ ଅଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଏଥିରେ ରାଜ୍ୟର ୫୬ ଜଣ ଛାତ୍ରଛାତ୍ରୀ ପ୍ରାୟ ୩୧ଟି ପ୍ରତିଯୋଗିତାରେ ଭାଗ ନେଇଥିବାବେଳେ ୨୧ ଜଣ କୃତିତ୍ୱ ଅର୍ଜନ କରିଛନ୍ତି । ଏହି କୃତୀ ଛାତ୍ରଛାତ୍ରୀମାନଙ୍କୁ ଗତକାଲି ଭୁବନେଶ୍ୱର ଓଡ଼ିଶା ମଡେଲ୍ ଆଦିବାସୀ ଶିକ୍ଷା ସମାଜ କାର୍ଯ୍ୟାଳୟଠାରେ ସମ୍ବର୍ଦ୍ଧିତ କରାଯାଇଛି । ଏହି ସମ୍ବର୍ଦ୍ଧନା ଉତ୍ସବରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗୀୟ କମିଶନର୍ ରୂପାରୋଶନ ସାହୁ ଯୋଗଦେଇ କହିଛନ୍ତି, ଆଗାମୀ ଦିନରେ ଛାତ୍ରଛାତ୍ରୀମାନଙ୍କୁ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ଅଧିକରୁ ଅଧିକ ପ୍ରତିଯୋଗିତାରେ ଭାଗ ନେବାପାଇଁ ବିଭାଗ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ।

*****